# NATIONAL NEWS BULLETIN (ODIA)
## 18th September - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ଜାତୀୟ ସ୍ୱାର୍ଥରକ୍ଷା ଦିଗରେ ପ୍ରଚେଷ୍ଟା ଏବଂ କାର୍ଯ୍ୟ ମଧ୍ୟରେ ଉପଯୁକ୍ତ ସମନ୍ୱୟ ମାଧ୍ୟମରେ ହିଁ ବିକଶିତ ଭାରତ ଲକ୍ଷ୍ୟ ହାସଲ ହୋଇପାରିବ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ଦେଶର ସୁରକ୍ଷା, ଅଖଣ୍ଡତା ତଥା ବିକାଶ ଲାଗି କେନ୍ଦ୍ର ସରକାରଙ୍କର ବିବିଧ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ନୂତନ ଜି.ଏସ୍.ଟି. ଦେଶର ସାମଗ୍ରିକ ଟିକସ ଓ ରାଜସ୍ୱ ବ୍ୟବସ୍ଥାକୁ ସରଳ ଓ ଆଧୁନିକୀକରଣ କରିବ; କହିଲେ ଅର୍ଥମନ୍ତ୍ରୀ ।

- ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀ ସମ୍ଭାବ୍ୟ ତାଲିକାରେ ସାମିଲ୍ ହେଲା ଭାରତର ୭ଟି ନୂତନ ପ୍ରାକୃତିକ ସ୍ଥଳୀ ।

ଏବଂ

- ଚାଇନା ମାଷ୍ଟର୍ସ ସୁପର୍-୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କଲେ ପି.ଭି. ସିନ୍ଧୁ ।

## ରାଜନାଥ - ମନ୍ଥନ କନ୍‌ଫରେନ୍ସ

ଜାତୀୟ ସ୍ୱାର୍ଥରକ୍ଷା ଦିଗରେ ପ୍ରଚେଷ୍ଟା ଏବଂ କାର୍ଯ୍ୟ ମଧ୍ୟରେ ଉପଯୁକ୍ତ ସମନ୍ୱୟ ମାଧ୍ୟମରେ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ନୂଆଦିଲ୍ଲୀରେ ମନ୍ଥନ-୨୦୨୫ ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତ ପ୍ରତି ବର୍ତ୍ତମାନ ବିଶ୍ୱ ସ୍ତରରେ ବିଶ୍ୱାସ ବୃଦ୍ଧି ପାଉଛି । ଭାରତ ସହିତ ପ୍ରମୁଖ କ୍ଷେତ୍ରରେ ଭାଗିଦାରୀ ଲାଗି ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଆଗ୍ରହ ପ୍ରକାଶ ପାଉଛି । ଭାରତୀୟ ପ୍ରତିରକ୍ଷା ସମ୍ପତ୍ତି ସେବା-ଆଇ.ଡି.ଇ.ଏସ୍.ର ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ସେନାବାହିନୀ ସହଯୋଗରେ ଆଇ.ଡି.ଇ.ଏସ୍. ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଏକର ପ୍ରତିରକ୍ଷା ଜମିର ପରିଚାଳନା କରୁଛି । ଭବିଷ୍ୟତରେ ଆଇ.ଡି.ଇ.ଏସ୍. ଏବଂ କ୍ୟାଣ୍ଟନମେଣ୍ଟ ବୋର୍ଡ଼ଗୁଡ଼ିକୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି

ଶ୍ରୀ ସିଂହ କହିଛନ୍ତି । ଏହି ସମ୍ମିଳନୀରେ ବାୟୁସେନା ମୁଖ୍ୟ ମାର୍ଶାଲ୍ ଅମରପ୍ରୀତ୍ ସିଂହ ଏବଂ ପ୍ରତିରକ୍ଷା ସଚିବ ରାଜେଶ କୁମାର ଉପସ୍ଥିତ ଥିଲେ ।

## ଅମିତ୍ ଶାହା - ବିହାର ଭିଜିଟ୍

ବିହାରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଲାଗି ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ରର ଏନ୍.ଡି.ଏ. ସରକାର ୧୪ ଲକ୍ଷ ୮୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯୋଗାଇ ଦେଇଛନ୍ତି ବୋଲି ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଆଜି ବିହାରର ବେଗୁସରାଇଠାରେ ବି.ଜେ.ପି. କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କର ଆଞ୍ଚଳିକ ସମ୍ମିଳନୀରେ ଉଦ୍‌ବୋଦନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ବିହାରରେ ଭୋଟର ତାଲିକାକୁ ଅନୁପ୍ରବେଶକାରୀଙ୍କଠାରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭୋଟର୍ ସଂଶୋଧନ ଅଭିଯାନ କାର୍ଯ୍ୟକାରୀ କରାଯାଇଛି ।

ପୂର୍ବରୁ ରୋହତାସ୍ ଜିଲ୍ଲା ଅନ୍ତର୍ଗତ ଦେହ୍‌ରୀ-ଅନ୍-ସୋନେ'ଠାରେ ଶାହାବାଦ ଓ ମଗଧ ଅଞ୍ଚଳର ବି.ଜେ.ପି. କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କର ଆଞ୍ଚଳିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏକ ବିକଶିତ ବିହାର ଗଠନ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ମତବ୍ୟକ୍ତ କରିଛନ୍ତି । ରାଜ୍ୟର ଅଙ୍ଗନୱାଡ଼ି କର୍ମୀ, ଅଙ୍ଗନୱାଡ଼ି ସହାୟକ,

ମମତା ଦିଦି, ଜୀବିକା ଦିଦି, ଯୁବବର୍ଗ, ମହିଳା ଏବଂ ରାଜ୍ୟର ସାମଗ୍ରିକ ବିକାଶ ଦିଗରେ ନୀତିଶ କୁମାର ସରକାରଙ୍କଦ୍ୱାରା ନିଆଯାଇଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ଘରକୁ ଘର ବୁଲି ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ଶ୍ରୀ ଶାହା ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ବିହାର ସମେତ ସମଗ୍ର ଦେଶର ସୁରକ୍ଷା, ଅଖଣ୍ଡତା ତଥା ବିକାଶ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିବିଧ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି :

***Voice (Shah - Bihar)*** :...........

# କୋଲ୍‌କାତା - ଜି.ଏସ୍.ଟି. ରିଫର୍ମସ

ନୂତନ ଜି.ଏସ୍.ଟି. ଦେଶର ସାମଗ୍ରିକ ଟିକସ ଓ ରାଜସ୍ୱ ବ୍ୟବସ୍ଥାକୁ ସରଳ ଓ ଆଧୁନିକୀକରଣ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଜି.ଏସ୍.ଟି. ସଂସ୍କାର କମିଟି ପକ୍ଷରୁ ଆୟୋଜିତ ଏକ ସଭାରେ ଏସମ୍ପର୍କିତ ବିସ୍ତୃତ ଆଲୋଚନା କରି ଶ୍ରୀମତୀ ସୀତାମରଣ କହିଛନ୍ତି, ବିଭିନ୍ନ ରାଜ୍ୟରୁ ଗ୍ରହଣ କରାଯାଇଥିବା ପରାମର୍ଶଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ବିଚାର କରାଯାଇ ଜି.ଏସ୍.ଟି. ସଂସ୍କାର କରାଯାଇଛି । ଜି.ଏସ୍.ଟି. ଦର ହ୍ରାସ ସହିତ ଆୟକର ଆଇନକୁ ମଧ୍ୟ ନୂଆ ରୂପ ଦିଆଯାଇଛି । ଦୁର୍ଗାପୂଜା ଆରମ୍ଭ ସହିତ

ଜି.ଏସ୍.ଟି. ଦର ହ୍ରାସର ସୁଫଳ ସାଧାରଣ ଲୋକଙ୍କୁ ମିଳିବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ଜି.ଏସ୍.ଟି. ରିଫର୍ମସ - ଟ୍ରକ୍ସ

ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଐତିହାସିକ ଲାଲ୍‌କିଲ୍ଲାରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଦୀପାବଳି ସୁଦ୍ଧା ଆଗାମୀ ପିଢ଼ି ଜି.ଏସ୍.ଟି. ସଂସ୍କାରର କାର୍ଯ୍ୟକାରିତା ସମ୍ପର୍କରେ ଘୋଷଣା କରିଥିଲେ । ଗତ ୩ ତାରିଖରେ ଅନୁଷ୍ଠିତ ଜି.ଏସ୍.ଟି. ପରିଷଦ ବୈଠକରେ ଜନସାଧାରଣଙ୍କ ଜୀବନ ମାନକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ଟିକସ ହାରରେ ହ୍ରାସ କରାଯାଇଛି । ଏହି ନୂତନ ଦର ଆଗାମୀ ୨୨ ତାରିଖରୁ ଲାଗୁ ହେବ । ଏହି ପରିପ୍ରେକ୍ଷୀରେ ଆଜି ଆମେ ନଜର ପକାଇବା ବ୍ୟାବସାୟିକ ମାଲବାହୀ ଯାନ ଉପରେ ।

ଦେଶରେ ୬୫ରୁ ୭୦ ପ୍ରତିଶତ ସାମଗ୍ରୀ ଟ୍ରକ୍ ମାଧ୍ୟମରେ ପରିବହନ ହୋଇଥାଏ । ଜି.ଏସ୍.ଟି. ପରିଷଦ ଟ୍ରକ୍ ଉପରୁ ଟିକସ ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି । ପରିବହନ ଭ୍ୟାନ୍‌ଗୁଡ଼ିକ ଉପରୁ ମଧ୍ୟ ଟିକସ ହାର ଅନୁରୂପ ଭାବେ ହ୍ରାସ କରାଯାଇଛି । ଏହି ଟିକସ ହାର ହ୍ରାସ ଦ୍ୱାରା ଦେଶରେ ଗମନାଗମନ କ୍ଷେତ୍ରକୁ ଅଧିକ ସଶକ୍ତ କରାଯାଇପାରିବ ବୋଲି ଆଶା

କରାଯାଉଛି । ଏହାଛଡ଼ା ସାମଗ୍ରୀ ପରିବହନ କ୍ଷେତ୍ରରେ ମାଲବାହୀ ଗାଡ଼ିଗୁଡ଼ିକରେ କିଲୋମିଟର ପିଛା ପ୍ରତି ଟନ୍‌ରେ ଖର୍ଚ୍ଚ ହ୍ରାସ ପାଇବ । ଏହି ପଦକ୍ଷେପଦ୍ୱାରା କୃଷିଜାତ ଦ୍ରବ୍ୟ, ସିମେଣ୍ଟ, ଷ୍ଟିଲ୍, ଇ-କମର୍ସ ପରିବହନ କ୍ଷେତ୍ରରେ ଖର୍ଚ୍ଚ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ । ଏହାଦ୍ୱାରା ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳ ପ୍ରକ୍ରିୟା ଅଧିକ ସୁଦୃଢ଼ ହେବା ସହ ରପ୍ତାନୀ ପ୍ରକ୍ରିୟା ମଧ୍ୟ ସଶକ୍ତ ହୋଇପାରିବ ।

## ୟୁନେସ୍କୋ - ନିୟୁ ସାଇଟ୍

ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀ ସମ୍ଭାବ୍ୟ ତାଲିକାରେ ଭାରତର ୭ଟି ନୂତନ ପ୍ରାକୃତିକ ସ୍ଥଳୀକୁ ସାମିଲ୍ କରାଯାଇଛି । ଏଥିସହିତ ୟୁନେସ୍କୋର ଏହି ତାଲିକାରେ ଭାରତୀୟ ଐତିହ୍ୟ ସ୍ଥଳୀର ସଂଖ୍ୟା ୬୨ରୁ ୬୯କୁ ବୃଦ୍ଧି ପାଇଛି । ଏହି ୭ଟି ଐତିହ୍ୟ ସ୍ଥଳୀ ସାମିଲ ହେବା ସହ ଭାରତର ମୋଟ୍ ୪୯ଟି ସାଂସ୍କୃତିକ, ୧୭ଟି ପ୍ରାକୃତିକ ଓ ୩ଟି ବିବିଧ ଐତିହ୍ୟ ସ୍ଥଳୀ ସମ୍ଭାବ୍ୟ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ନୂତନ ଭାବେ ୟୁନେସ୍କୋର ସମ୍ଭାବ୍ୟ ଐତିହ୍ୟ ସ୍ଥଳୀ ତାଲିକାରେ ସାମିଲ୍ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ପଞ୍ଚଗନିର ଡେକାନ ଟ୍ରାପ୍, ମହାବଳେଶ୍ୱର, ମହାରାଷ୍ଟ୍ର ଓ କର୍ଣ୍ଣାଟକର ସେଣ୍ଟ ମ୍ୟାରୀ ଦ୍ୱୀପପୁଞ୍ଜର ଭୌଗୋଳିକ ଐତିହ୍ୟ ରହିଛି । ଏହାଛଡ଼ା ମେଘାଳୟର ଏଜ୍

ଗୁମ୍ଫା, ନାଗା ହିଲ୍‌ର ଓଫିଓଲାଇଟ୍, ଆନ୍ଧ୍ରପ୍ରଦେଶର ଏରା ମାଟି ଦିବାଲୁ, ତିରୁମାଳା ହିଲ୍ ଏବଂ କେରଳର ଭର୍‌କାଲା କ୍ଲିଫ୍ ତାଲିକାରେ ରହିଛି ।

## ଇ.ସି. - ଗାନ୍ଧି

ଭୋଟର୍ ତାଲିକାରୁ ନାମ ବାଦ୍ ଦିଆଯାଉଥିବା ସମ୍ପର୍କିତ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଅଭିଯୋଗକୁ ନିର୍ବାଚନ ଆୟୋଗ ଭ୍ରମାତ୍ମକ ଏବଂ ଭିତ୍ତିହୀନ ବୋଲି କହିଛନ୍ତି । ଆୟୋଗ କହିଛନ୍ତି, ଅନ୍‌ଲାଇନ୍ ମାଧ୍ୟମରେ ଏଭଳି କାର୍ଯ୍ୟ ଆଦୌ ସମ୍ଭବ ନୁହେଁ । ୨୦୨୩ ମସିହାରେ କର୍ଣ୍ଣାଟକର ଆଲାନ୍ଦ୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁରୂପ ଅସଫଳ ପ୍ରଚେଷ୍ଟା ସମ୍ପର୍କରେ ଅବଗତ ହେବା ପରେ ଏହାର ତଦନ୍ତ ଲାଗି ଆୟୋଗ ନିଜ ପକ୍ଷରୁ ଏଫ୍.ଆଇ.ଆର୍. ଦାଖଲ କରିଥିଲେ ।

ନୂଆଦିଲ୍ଲୀ ସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଆଲାନ୍ଦ୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତତଃ ୬ ହଜାର ଭୋଟରଙ୍କ ନାମ ସଫ୍ଟୱେୟାରର ଦୁରୁପଯୋଗ କରାଯାଇ ବାଦ୍ ଦିଆଯାଇଛି ବୋଲି ପୂର୍ବରୁ ରାହୁଲ ଗାନ୍ଧି ଅଭିଯୋଗ କରିଥିଲେ ।

# ବି.ଜେ.ପି. - ରାହୁଲ ଗାନ୍ଧି

ନିର୍ବାଚନ ଆୟୋଗଙ୍କ ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଲଗାତାର ଭୁଲ୍ ଏବଂ ଭିତ୍ତିହୀନ ଅଭିଯୋଗ କରିଆସୁଛନ୍ତି ବୋଲି ବି.ଜେ.ପି. ଦୋଷାରୋପ କରିଛି । ନୂଆଦିଲ୍ଲୀସ୍ଥିତି ବି.ଜେ.ପି. ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ଅନୁରାଗ ଠାକୁର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅନ୍‌ଲାଇନ୍ ମାଧ୍ୟମରେ ଭୋଟର ତାଲିକାରୁ ନାମ ବାଦଦେବା କାର୍ଯ୍ୟ ସମ୍ଭବ ନୁହେଁ ବୋଲି ନିର୍ବାଚନ ଆୟୋଗ ସ୍ପଷ୍ଟ କରିସାରିଛନ୍ତି । ଶ୍ରୀ ଗାନ୍ଧି ଲଗାତାର ଭାବେ ଦେଶର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରତିଷ୍ଠାନର ମର୍ଯ୍ୟାଦା ହାନି କରୁଛନ୍ତି ବୋଲି ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି ।

***Voice (Anurag Thakur)*** :........

# ଇଣ୍ଡିଆ-ୟୁ.ଏସ୍.ଏ. - ସ୍ପେସ୍ ପାର୍ଟନରସିପ୍

ମହାକାଶ ସହଭାଗିତା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ୱାଶିଂଟନସ୍ଥିତ ଭାରତୀୟ ଦୂତାବାସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ

ଉଭୟ ଦେଶର ମହାକାଶଚାରୀ ଏବଂ ମହାକାଶ କ୍ଷେତ୍ରର ବରିଷ୍ଠ ଅଧିକାରୀ ଆଗାମୀ ମଙ୍ଗଳ ଓ ଚନ୍ଦ୍ର ଅଭିଯାନ ସମ୍ପର୍କିତ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଉଭୟ ଦେଶର ସହଭାଗିତାରେ ମହାକାଶ କ୍ଷେତ୍ରରେ ଏକ ଦଶନ୍ଧି ଧରି ହାସଲ ହୋଇଥିବା ଉପଲବ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷକରି NISAR ଉପଗ୍ରହ ଏବଂ ଭାରତୀୟ ମହାକାଶଚାରୀ ଶୁଭାଂଶ ଶୁକ୍ଲାଙ୍କୁ ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍‌କୁ Axiom Mission-4ର ସଫଳତା ବିଷୟରେ ଆଲୋଚନା କରାଯାଇଥିଲା । ଭାରତର ଭବିଷ୍ୟତ ମହାକାଶ ଯୋଜନା ସମ୍ପର୍କରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ସୂଚନା ଦେଇଥିଲେ । ଉଭୟ ଦେଶର ସରକାର ଓ ଉଦ୍ୟୋଗଗୁଡ଼ିକପାଇଁ ଆଗାମୀ ଦିନରେ ମହାକାଶ କ୍ଷେତ୍ରରେ ଯଥେଷ୍ଟ ସମ୍ଭାବନା ରହିଥିବା ଶ୍ରୀ କ୍ୱାତ୍ରା ସୂଚନା ଦେଇଥିଲେ । ନାସାର ବୈଜ୍ଞାନିକ ଡକ୍ଟର କରେନ୍ ସେଣ୍ଟ ଜର୍ମେନ୍ NISAR ମିଶନ ସମ୍ପର୍କରେ ଆଲୋକପାତ କରିବା ସହିତ ନାସା ଓ ଇସ୍ରୋ ମଧ୍ୟରେ ରହିଥିବା ସହଯୋଗ ମନୋଭାବକୁ ପ୍ରଶଂସା କରିଥିଲେ । Moments in Orbit ଆଲୋଚନାଚକ୍ରରେ ମହାକାଶଚାରୀ ସୁନିତ ୱିଲିୟମ୍‌ସ, ନିକ୍ ହେଗ୍ ଏବଂହ ବୁଚ୍ ୱିଲ୍‌ମୋର୍‌ଙ୍କ ସମେତ ଶୁଭାଂଶୁ ଶୁକ୍ଲା ଅଂଶଗ୍ରହଣ କରିଥିଲେ ।

## ବ୍ୟାଡ୍‌ମିଣ୍ଟନ - ଚୀନ ମାଷ୍ଟର୍ସ

ଭାରତ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଶେନ୍‌ଝେନ୍'ଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର୍-୭୫୦ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ସିନ୍ଧୁ' ଥାଇଲାଣ୍ଡର ପର୍ଣ୍ଣପାୱି ଚୋଚୁୱୋଙ୍ଗ୍'ଙ୍କୁ ୨୧-୧୫, ୨୧-୧୫ ସେଟ୍‌ରେ ପରାସ୍ତ କରିଛନ୍ତି । କ୍ୱାର୍ଟର ଫାଇନାଲ୍‌ରେ ସିନ୍ଧୁ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍'ଙ୍କୁ ଭେଟିବେ ।

ଇତିମଧ୍ୟରେ ଭାରତର ପୁରୁଷ ଡବଲ୍‌ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ତାଇୱାନ୍‌ର ଚିଉ ସିଆଙ୍ଗ୍ ଚି ଏବଂ ୱାଙ୍ଗ୍ ଚି-ଲିନ୍'ଙ୍କ ଯୋଡ଼ିକୁ ପରାସ୍ତ କରିଛନ୍ତି ।

## ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଆଜି ଆବୁଧାବିରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ ।

ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସୁପର ଫୋର୍ ପର୍ଯ୍ୟାୟକୁ ଯିବା ଲାଗି ଆଫଗାନିସ୍ତାନ ଏହି ମ୍ୟାଚ୍‌କୁ ଜିତିବାକୁ ପଡ଼ିବ ।

ଆବୁଧାବିର ଶେଖ ଜାଏଦ ଷ୍ଟାଡିୟମରେ ଆସନ୍ତାକାଲି ଭାରତ' ଓମାନକୁ ଭେଟିବ। ପୂର୍ବରୁ ସୁପର ୪ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବା ଭାରତ ଓ ପାକିସ୍ତାନ ପୁନର୍ବାର ଆସନ୍ତା ରବିବାର ଦିନ ପରସ୍ପରକୁ ଭେଟିବେ ।

*****